# ତୃତୀୟ ଲିଙ୍ଗର ମାନବାଧିକାର – ଏକ ପୃଷ୍ଠଭୂମିକା

## ହିନ୍ଦୁ ପରମ୍ପରାରେ ତୃତୀୟ ଲିଙ୍ଗ

ସଂସ୍କୃତରେ ନପୁଂସକ ବା କ୍ଳୀବ, ହିନ୍ଦୀ/ଉର୍ଦ୍ଦୁରେ ହିଜଡା (ଓଡିଆ ଉଚ୍ଚାରଣରେ ହିଞ୍ଜଡା) ବା କଥିତ ଓଡିଆରେ 'ମାଇଚିଆ' ଏକ ବିଦ୍ରୁପାତ୍ମକ ଶବ୍ଦ, ଯାହାକି ଭାରତରେ ସାଧାରଣ ଲୋକେ ପ୍ରୟୋଗ କରିଥାନ୍ତି, ତୃତୀୟ ଲିଙ୍ଗ ବା ମିଶ୍ରଲିଙ୍ଗର ବ୍ୟକ୍ତିମାନଙ୍କୁ, ଅର୍ଥାତ୍ ଯେଉଁମାନେ ପୁରୁଷ ନୁହନ୍ତି କି ନାରୀ ନୁହନ୍ତି, ଅଥଚ ଏକାଧାରରେ ଉଭୟ ଲିଙ୍ଗର ବୈଶିଷ୍ଟ୍ୟ ଧାରଣ କରିଥାନ୍ତି । ଏହି ତୃତୀୟ ଲିଙ୍ଗର ବ୍ୟକ୍ତିମାନେ ଗୋଟିଏ ସମାଜର ସମୁଦାୟ ଜନସଂଖ୍ୟାର ଏକ ନଗଣ୍ୟ ଗୋଷ୍ଠୀ ହୋଇପାରନ୍ତି, କିନ୍ତୁ ସେମାନେ ମାନବଜାତିର ଆଦି କାଳରୁ ସାରା ପୃଥିବୀର ପ୍ରତି ଜନସମାଜରେ ଏକ ଅଂଶ ରୂପେ ଅବସ୍ଥାନ କରିଆସିଛନ୍ତି । ଯୌନଶାସ୍ତ୍ର ଉପରେ ମହର୍ଷି ବାତ୍ସାୟନଙ୍କ ଦ୍ୱାରା ରଚିତ ଭାରତର ଏକ ପ୍ରାଚୀନ ଗ୍ରନ୍ଥ 'କାମସୂତ୍ର'ରେ ଏମାନଙ୍କୁ 'ତୃତୀୟ ପ୍ରକୃତି'ର ଆଖ୍ୟା ଦିଆଯାଇଛି ଏବଂ ସେମାନଙ୍କ ସହିତ କିପରି ଯୌନକ୍ରୀଡା କରାଯାଇପାରେ, ତହିଁର ବର୍ଣ୍ଣନା ଦିଆଯାଇଛି । ହିନ୍ଦୁମାନଙ୍କର ବିଭିନ୍ନ ଶାସ୍ତ୍ରପୁରାଣରେ ଭଗବାନଙ୍କୁ ଅର୍ଦ୍ଧନାରୀଶ୍ୱର ଭାବେ କଳ୍ପନା କରାଯାଇଛି, ଅର୍ଥାତ୍ ଭଗବାନଙ୍କର ଗୋଟିଏ ଅଂଶ ପୁରୁଷ ହୋଇଥିବା ବେଳେ ଅନ୍ୟ ଅଂଶଟି ନାରୀ । ଭାରତର ମଥୁରା ଠାରେ ଥିବା ପ୍ରାଚୀନତମ ଅର୍ଦ୍ଧନାରୀଶ୍ୱର ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ଏହି ଦେବତା ପୂଜା ପାଇଥାନ୍ତି । ଜୟଦେବଙ୍କ ଗୀତଗୋବିନ୍ଦ (୩.୧୧)ରେ ରାଧାଙ୍କ ବିରହରେ କୃଷ୍ଣ କହୁଛନ୍ତି, ଶିବ ତାଙ୍କର ଅର୍ଦ୍ଧାଙ୍ଗିନୀ ପାର୍ବତୀଙ୍କୁ ନିଜ ଶରୀରରେ ଧାରଣ କରିଅଛନ୍ତି, ଅଥଚ ମୁଁ ରାଧାଙ୍କ ଠାରୁ ବିଚ୍ଛିନ୍ନ ରହି ଜାଣିପାରୁନି କେବେ ପୁଣି ତାଙ୍କ ସହିତ ମିଳିତ ହେବି । ରାମାୟଣରେ ଅଛି ଯେ, ରାମଚନ୍ଦ୍ର ବନବାସକୁ ଗଲାବେଳେ ଅଯୋଧ୍ୟାର ପ୍ରଜାମାନେ ତାଙ୍କ ପଛେପଛେ ଯାଇଥିଲେ; ବହୁ ବାଟ ଗଲା ପରେ ରାମ ସେମାନଙ୍କୁ କହିଥିଲେ, ହେ ପୁରୁଷ ଓ ନାରୀଗଣ, ଏଣିକି ତୁମେମାନେ ରାଜ୍ୟକୁ ଫେରିଯାଅ । ଏକଥା ଶୁଣି ପୁରୁଷ ଓ ନାରୀ ପ୍ରଜାମାନେ ଫେରିଯାଇଥିଲେ, କିନ୍ତୁ ତୃତୀୟ ଲିଙ୍ଗୀ ପ୍ରଜାମାନେ ନିଜକୁ ପୁରୁଷ କିମ୍ବା ନାରୀ ମନେ କରୁନଥିବାରୁ ଫେରିନଥିଲେ ଓ ଶେଷପର୍ଯ୍ୟନ୍ତ ରାମଙ୍କ ସହିତ ରହିଥିଲେ । ରାମ ଖୁସି ହୋଇ ସେମାନଙ୍କୁ ବର ଦେଇଥିଲେ ଯେ, ପିଲାଜନ୍ମ, ବ୍ରତ, ବିବାହ ଇତ୍ୟାଦି ମାଙ୍ଗଳିକ କାର୍ଯ୍ୟବେଳେ ଲୋକେ ତୃତୀୟ ଲିଙ୍ଗୀଙ୍କ ଆଶୀର୍ବାଦ ଲୋଡିବେ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ତୃତୀୟ ଲିଙ୍ଗୀ ବା ମିଶ୍ରଲିଙ୍ଗୀ ବ୍ୟକ୍ତିମାନେ ସେମାନଙ୍କ ଢଙ୍ଗରେ ସ୍ୱାଧୀନ ଭାବେ ଜୀବନଯାତ୍ରା କରିବା ଉପରେ କୌଣସି ଆଇନଗତ କିମ୍ବା ସାମାଜିକ କଟକଣା ନଥିଲା । ବରଂ ସେମାନେ ରାଜାଙ୍କ ଅନ୍ତପୁରରେ ରାଣୀ ଓ ଯୁବରାଣୀଙ୍କ ପରିଚାରିକା ବା ଦେହରକ୍ଷୀ ବା ପ୍ରସାଧନ-କର୍ମୀ ଭାବେ ନିଯୁକ୍ତ ହେଉଥିଲେ ; ସେମାନେ ନୃତ୍ୟ, ସଂଗୀତ ଏବଂ ବାଦ୍ୟଯନ୍ତ୍ରରେ ପ୍ରଶିକ୍ଷିତ ହୋଇ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରୁଥିଲେ । ଏବେବି ମେଢ ବିସର୍ଜନ ଏବଂ ବିବାହ ଶୋଭାଯାତ୍ରାରେ ସ୍ଥଳ ବିଶେଷରେ 'ମାଇଚିଆ' ନାଚ ଦେଖିବାକୁ ମିଳିଥାଏ । ରୁଗ୍ଣ ଓ କ୍ଳାନ୍ତ ଲୋକମାନଙ୍କୁ ମାଲିସ୍ କରିବା କାମରେ ସେମାନେ ନିୟୋଜିତ ହୋଇଥାନ୍ତି । କେତେକ କ୍ଷେତ୍ରରେ ପୁରୁଷମାନେ ଏହି ମିଶ୍ରଲିଙ୍ଗୀଙ୍କ ସହ ଯୌନକ୍ରିୟା କରିବାକୁ ଭଲ ପାଇଥାନ୍ତି, ଠିକ୍ ଯେମିତି କେତେକ ନାରୀ ପୁରୁଷ ବଦଳରେ ନାରୀ ସହିତ ଯୌନ ସଂପର୍କ ରଖିବାକୁ ଭଲ ପାଇଥାନ୍ତି । ଏହାକୁ ସମଲିଙ୍ଗୀ ଯୌନାଚାର କୁହାଯାଇଥାଏ । ପୁଣି ବିସ୍ମୟକର ହେଲେ ବି ସତ, ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଯୁଦ୍ଧକ୍ଷେତ୍ରକୁ ମଧ୍ୟ ଯାଉଥିଲେ; ମହାଭାରତରେ ଭୀଷ୍ମଙ୍କୁ ନିରସ୍ତ୍ର କରିବା ପାଇଁ ଯେଉଁ ଶିଖଣ୍ଡୀଙ୍କୁ ତାଙ୍କ ସାମନାରେ ଠିଆ କରାଯାଇଥିଲା, ସେ ଜଣେ ମିଶ୍ରଲିଙ୍ଗୀ ଥିଲେ ବୋଲି ସମସ୍ତେ ଜାଣନ୍ତି ।

ଆଉ କେତେକ ପୁରାତନ ଗ୍ରନ୍ଥରେ ଏମାନଙ୍କୁ ଏକ ଅଧିକ ସମ୍ଭ୍ରୋଚିତ ଶବ୍ଦ 'କିନ୍ନର' ଦ୍ୱାରା ଆଖ୍ୟାୟିତ କରାଯାଇଛି । ତାମିଲନାଡୁର ଭିଲୁପୁରମ୍ ଜିଲ୍ଲାରେ କୁବାଗାଓଁ ଗ୍ରାମରେ ସେମାନଙ୍କର ଆରାଧ୍ୟ ଦେବତା କୁଥାଣ୍ଡଭରଙ୍କ ଉପାସନା ପାଇଁ ଆରାବଣି ମନ୍ଦିର ଅଛି, ଯେଉଁଠାରେ ପ୍ରତିବର୍ଷ ଚୈତ୍ର ବା ଏପ୍ରିଲ୍/ମେ ମାସରେ ଏକ ୧୮ଦିନ ବ୍ୟାପୀ ଏକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ ଏବଂ ସାରା ଦେଶରୁ ମିଶ୍ରଲିଙ୍ଗୀମାନେ ଏହାକୁ ଧୂମ୍‌ଧାମ୍ ସହ ପାଳନ କରିବା ପାଇଁ ଏଠାରେ ସମବେତ ହୁଅନ୍ତି । ସେମାନେ ମହଭାରତରେ ବର୍ଣ୍ଣିତ ଏକ ଉପାଖ୍ୟାନକୁ ନିଜ ଭିତରେ ଅଭିନୀତ କରାଇଥାନ୍ତି । ଏହି ଉପାଖ୍ୟାନ ଅନୁଯାୟୀ କୃଷ୍ଣ 'ମୋହିନୀ' ରୂପ ଧାରଣ କରି ଅର୍ଜ୍ଜୁନର ପୁଅ ଆରାବନ୍‌କୁ ବିଭା ହୋଇଥିଲେ, କିନ୍ତୁ ଆରାବନ୍‌ର ଅକାଳ ମୃତ୍ୟୁ ଘଟିବାରୁ କୃଷ୍ଣ ମଧ୍ୟ ବିଧବା ହୋଇଥିଲେ । ଉକ୍ତ ମହୋତ୍ସବରେ ମିଶ୍ରଲିଙ୍ଗୀମାନେ ନିଜକୁ ବିଧବା ମନେକରି ଚୂଡି ଭାଙ୍ଗିଥାଆନ୍ତି । ଏହାଛଡା ଏହି ମହୋତ୍ସବ କାଳରେ ଏକ ସୁନ୍ଦରୀ ପ୍ରତିଯୋଗିତା ସାଙ୍ଗକୁ ଏଚ୍.ଆଇ.ଭି./ଏଡସ୍ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ ।

## ବିଶ୍ୱ ସଭ୍ୟତାରେ ତୃତୀୟ ଲିଙ୍ଗ

ଗ୍ରୀକ୍‌ବୀର ଆଲେକଜାଣ୍ଡର୍ ମଧ୍ୟ ଜଣେ ମିଶ୍ରଲିଙ୍ଗୀ ଥିଲେ ବୋଲି କେତେକ ଐତିହାସିକ ମତ ଦେଇଛନ୍ତି । ଚୀନ୍ ସଭ୍ୟତାର ପ୍ରତିଷ୍ଠାତା ସମ୍ରାଟ ହୁଆଙ୍ଗ ଡି ତଥା ସୁବିଖ୍ୟାତ ହାନ୍ ରାଜବଂଶର ଅନେକ ରାଜା ସମଲିଙ୍ଗୀ ଥିଲେ ବୋଲି ତଦାନୀନ୍ତନ ରାଜକୀୟ ଐତିହାସିକମାନେ ତଥ୍ୟ ଲିପିବଦ୍ଧ କରିଯାଇଛନ୍ତି । ଚୀନ୍‌ରେ ୧୯୧୨ ମସିହାରେ କୁଇଙ୍ଗ ରାଜତ୍ୱର ପତନ ପର୍ଯ୍ୟନ୍ତ ସରକାରୀ ସ୍ତରରେ ମିଶ୍ରଲିଙ୍ଗୀମାନଙ୍କୁ କେବଳ

ସ୍ୱୀକୃତି ନୁହେଁ, ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯାଉଥିଲା । ଇହୁଦୀ ଧର୍ମ, ଖ୍ରୀଷ୍ଟଧର୍ମ ଏବଂ ଇସ୍‌ଲାମ୍‌ର ଅନୁଗାମୀମାନଙ୍କ ଭିତରେ ମିଶ୍ରଲିଙ୍ଗୀ ଓ ସମଲିଙ୍ଗୀ ବ୍ୟକ୍ତିମାନଙ୍କ ଉପରେ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ବକ୍ତବ୍ୟ ରହିଛି । ଇହୁଦୀ ଧର୍ମରେ ଯେଉଁ ଅଦ୍ୱିତୀୟ ଈଶ୍ୱରର ପରିକଳ୍ପନା କରାଯାଇଛି, ତାହା ଏକାଧାରରେ ଉଭୟ ଲିଙ୍ଗର ସମାହାର ଏବଂ ଏହାଛଡା ପ୍ରାଚୀନ ପାଲେଷ୍ଟାଇନ୍‌ରେ ପୁରୋହିତ, ପ୍ରଶାସକ ଏବଂ ଦ୍ୱାରରକ୍ଷୀମାନଙ୍କୁ ନିଯୁକ୍ତି ଦିଆଯାଉଥିବା ବେଳେ ନପୁଂସକମାନଙ୍କୁ ଅଗ୍ରାଧିକାର ଦିଆଯାଉଥିଲା । ବାଇବେଲ୍ (ନୂତନ ଟେଷ୍ଟାମେଣ୍ଟ୍)ରେ ମାଥିଉ ସମାଚାର (୧୯:୧୨)ରେ କୁହାଯାଇଛି ଯେ, ତିନି ପ୍ରକାର ନପୁଂସକ ଅଛନ୍ତି, ପ୍ରଥମ ଗୋଷ୍ଠୀ ମା ପେଟରୁ ଜନ୍ମ ହୋଇଥାନ୍ତି, ଦ୍ୱିତୀୟ ଗୋଷ୍ଠୀଙ୍କୁ ମଣିଷମାନେ ହିଁ ନପୁଂସକ କରିଥାନ୍ତି ଏବଂ ତୃତୀୟ ଗୋଷ୍ଠୀ ସ୍ୱର୍ଗରାଜ୍ୟ ନିମିତ୍ତ ନିଜକୁ ନପୁଂସକରେ ପରିଣତ କରିଥାଆନ୍ତି । ଇସ୍‌ଲାମ ପରିପ୍ରେକ୍ଷୀରେ ଏହା ଏକ ଜଣାଶୁଣା କଥା ଯେ, ମଦିନାରେ ଥିବା ପୟଗମ୍ବର ମହମ୍ମଦଙ୍କ କବରସ୍ଥଳୀକୁ ଦ୍ୱାଦଶ ଶତାବ୍ଦୀରୁ ମିଶ୍ରଲିଙ୍ଗୀମାନେ ହିଁ ଜଗାରଖା କରିଆସୁଛନ୍ତି । ମୁସ୍‌ଲିମ୍ ରାଷ୍ଟ୍ର ଇରାନ୍‌ରେ ତୃତୀୟ ଲିଙ୍ଗୀ ମାନଙ୍କର ସ୍ଥିତିକୁ ସ୍ୱୀକୃତି ଦିଆଯାଇଛି ତଥା ଅସ୍ତ୍ରୋପଚାର ବଳରେ ଲିଙ୍ଗାନ୍ତରୀକରଣକୁ ମଧ୍ୟ ଅନୁମୋଦନ କରାଯାଇଛି । ମଧ୍ୟଯୁଗୀୟ ଭାରତରେ ମୁସ୍‌ଲିମ୍ ଶାସନ ସମୟରେ ତୃତୀୟ ଲିଙ୍ଗୀମାନଙ୍କୁ ରାଜ-ଦରବାରରେ ବିଭିନ୍ନ କାର୍ଯ୍ୟ ଦିଆଯାଉଥିଲା । ଏକଥା ମଧ୍ୟ ଶୁଣିବାକୁ ମିଳେ ଯେ, ପ୍ରଥମେ କବାଲି ଗାୟନ କେବଳ ତୃତୀୟ ଲିଙ୍ଗୀମାନଙ୍କ ଦ୍ୱାରା ପ୍ରଦର୍ଶୀତ ହେଉଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ପୁରୁଷ ଓ ନାରୀମାନଙ୍କ ଦ୍ୱାରା ସମ୍ପାଦିତ ହେଲା । ଜୋରାଷ୍ଟ୍ରିଆନ୍ ମାନଙ୍କ ଧର୍ମଗ୍ରନ୍ଥ 'ଆଭେସ୍ତା'ରେ ତୃତୀୟ ଲିଙ୍ଗ ସମ୍ବନ୍ଧରେ କିଛି ଉଲ୍ଲେଖ ନାହିଁ, ତଥାପି ପ୍ରାଚୀନ ପାରସ୍ୟର ଇତିହାସର କେତେକ ପର୍ଯ୍ୟାୟରେ ସେମାନଙ୍କ ବିରୁଦ୍ଧରେ କଠୋର ମନୋଭାବ ପ୍ରଦର୍ଶନ କରାଯାଇଥିଲା । ଏହା ସତ୍ତ୍ୱେ ତୃତୀୟ ଲିଙ୍ଗୀଙ୍କ ଉପରେ କୋଣସି ଦଣ୍ଡବିଧାନ କରାଯାଇନାହିଁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ବରଂ ସେମାନଙ୍କ ପ୍ରତି ସହନଶୀଳ ମନୋଭାବ ପୋଷଣ କରାଯାଇଛି । ଲକ୍ଷ୍ୟ କରାଯାଇଛି ଯେ, ପ୍ରତି ଧର୍ମର ରକ୍ଷଣଶୀଳ ଅନୁଗାମୀମାନେ ମିଶ୍ରଲିଙ୍ଗୀମାନଙ୍କୁ ଇତର ଦୃଷ୍ଟିରେ ଦେଖୁଥିବା ବେଳେ ପ୍ରଗତିଶୀଳ ଓ ମାନବପ୍ରେମୀ ଗୋଷ୍ଠୀ ସୃଷ୍ଟିରେ ସେମାନଙ୍କର ସ୍ଥାନ ଓ ସ୍ୱାର୍ଥକୁ ମାନ୍ୟତା ଦେଇଆସିଛନ୍ତି । ବୌଦ୍ଧଧର୍ମର ଏକ ମୂଳ ଗ୍ରନ୍ଥ 'ବିନୟ ପିଟକ'ରେ ସମଲିଙ୍ଗୀ ବା ମିଶ୍ରଲିଙ୍ଗୀମାନଙ୍କୁ ବେଦ ବ୍ୟବହୃତ କରିଥିବା ଶବ୍ଦର ଅନୁକରଣରେ ନପୁଂସକ, ପାଣ୍ଡକ ଏବଂ ପକ୍ଷ-ପାଣ୍ଡକ ଭାବେ ବର୍ଣ୍ଣନା କରାଯାଇଛି । ଉଭୟ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀଙ୍କ ମଧ୍ୟରେ ତୃତୀୟ ଲିଙ୍ଗ ପ୍ରତି ଏକ ମୋଟାମୋଟି ଉଦାରମନା ଦୃଷ୍ଟିଭଙ୍ଗୀ ପୋଷଣ କରିଛି ।

## ମାନବ-ଲିଙ୍ଗ ନିର୍ଦ୍ଧାରଣର ବୈଜ୍ଞାନିକ ରହସ୍ୟ

ମଣିଷ ଜାତି ଭିତରେ ପୁରୁଷ ଓ ନାରୀ ମୁଖ୍ୟତଃ ଦୁଇ ଲିଙ୍ଗର ମଣିଷ ଦେଖାଯାଉଥିବା ବେଳେ ଆଦିମ କାଳରୁ ତୃତୀୟ ଲିଙ୍ଗୀ ବା ମିଶ୍ରଲିଙ୍ଗୀଙ୍କର ଉତ୍ପତ୍ତି କେମିତି ଘଟିଆସୁଛି, ସେ ସମ୍ବନ୍ଧରେ ବିଭିନ୍ନ ଧର୍ମର ଶାସ୍ତ୍ରପୁରାଣରେ ବିଚିତ୍ର ବ୍ୟାଖ୍ୟାମାନ ଦେଖିବାକୁ ମିଳୁଥିଲେ ହେଁ ବର୍ତ୍ତମାନ ଏହାର ବିଜ୍ଞାନସମ୍ମତ ବ୍ୟାଖ୍ୟା ଆମ ପାଖରେ ଉପଲବ୍ଧ । ମଣିଷ ସମେତ ପ୍ରତି ସ୍ତନପାୟୀ ପ୍ରାଣୀ ଭିତରେ ୨୩ ଯୋଡା (୪୬ଟି) ପ୍ରଜନନ ବର୍ଣ୍ଣ-କଣିକା (କ୍ରୋମୋଜମ୍) ଥାଏ, ଯାହାଦ୍ୱାରା ଲିଙ୍ଗ-ନିରୂପଣ ଘଟିଥାଏ । ଜଣେ ନାରୀ ଭିତରେ କେବଳ ଏକ୍ସ (X) ବର୍ଣ୍ଣ-କଣିକା ଥାଏ, କିନ୍ତୁ ଜଣେ ପୁରୁଷ ଭିତରେ ଉଭୟ ଏକ୍ସ ଏବଂ ଓ୍ୱାଇ (Y) ବର୍ଣ୍ଣ-କଣିକା ଥାଏ । ଉଭୟର ସଂଗମ ପ୍ରକ୍ରିୟାରେ ଯଦି କେବଳ ଏକ୍ସ-ଏକ୍ସ ଯୋଡି (XX) ଗୁଡିକର ମିଳନ ଘଟେ, ତେବେ ସ୍ତ୍ରୀ ଲିଙ୍ଗ ସୃଷ୍ଟି ହୁଏ, ଏବଂ ଅନ୍ୟ ପକ୍ଷରେ ଯଦି ଏକ୍ସ ଏବଂ ଓ୍ୱାଇ ଯୋଡିଗୁଡିକ (XY) ମିଳିତ ହୁଅନ୍ତି, ତେବେ ପୁଂ-ଲିଙ୍ଗ ସୃଷ୍ଟି ହେବ । ଯଦି ଦୈବାତ ଗୋଟିଏ ଏକ୍ସ କିମ୍ବା ଓ୍ୱାଇ ବର୍ଣ୍ଣକଣିକା ଅଧିକ ମିଶିଯାଏ, ଅର୍ଥାତ୍ ୪୬ ପରିବର୍ତ୍ତେ ୪୭ଟି ବର୍ଣ୍ଣକଣିକାର ସମନ୍ୱୟ ଘଟେ, ଅର୍ଥାତ୍ XXY ଗଠିତ ହୁଏ, ଅଥବା XYY ଗଠିତ ହୁଏ, ତେବେ ଏକ ମିଶ୍ରଲିଙ୍ଗୀ ବା ତୃତୀୟ ଲିଙ୍ଗୀ ଜନ୍ମ ନେଇଥାଏ । ଏହି ମିଶ୍ରଲିଙ୍ଗୀ ଜଣେ ନାରୀ, ଅର୍ଥାତ୍ ନାରୀର ଯୌନାଙ୍ଗ ଥାଇ ପୁରୁଷର ଶରୀର ଏବଂ ସ୍ୱଭାବ ଧାରଣ କରିଥାଏ ଅଥବା ଜଣେ ପୁରୁଷ, ଅର୍ଥାତ୍ ପୁରୁଷର ଯୌନାଙ୍ଗ ଥାଇ ଜଣେ ନାରୀର ଶାରିରୀକ ଓ ସ୍ୱଭାବଗତ ବୈଶିଷ୍ଟ୍ୟ ଧାରଣ କରିଥାଏ । ସୁତରାଂ ଏକ ଆକସ୍ମିକ କାରଣରୁ ମିଶ୍ରଲିଙ୍ଗୀ ବା ତୃତୀୟଲିଙ୍ଗୀର ଉଦ୍‌ଭବ ଘଟିଥାଏ । କିନ୍ତୁ ଏହି ଲିଙ୍ଗଗତ ବୈଚିତ୍ର୍ୟକୁ ବାଦ ଦେଲେ ସେମାନେ ଅନ୍ୟ ସବୁ ଦୃଷ୍ଟିରୁ ମଣିଷ ଭଳି ଏବଂ ସେମାନେ ଦୁଇ ମୁଖ୍ୟ ଲିଙ୍ଗର ମଣିଷମାନଙ୍କ ଭଳି ସମାଜ ଉପରେ ନିର୍ଭରଶୀଳ ଏବଂ ସମାଜର ବିକାଶରେ ସେମାନଙ୍କର ଭୂମିକା ଓ ଅବଦାନ ରହିଛି ।

ବାସ୍ତବରେ ଦେଖିବାକୁ ଗଲେ, ସ୍ୱାଭାବିକ ନିୟମ ଅନୁଯାୟୀ ମିଶ୍ରଲିଙ୍ଗୀ ଦୁଇ ଧରଣର ; ଗୋଟିଏ ହେଲା ପୁରୁଷ ଜନନେନ୍ଦ୍ରିୟ ସହ ଜନ୍ମ ହୋଇଥିଲେ ହେଁ ଜଣଙ୍କ ଭିତରେ ନାରୀ ପ୍ରକୃତି ପ୍ରାଧାନ୍ୟ ଲାଭ କରିଥାଏ, ଅନ୍ୟଟି ହେଲା ନାରୀ ଜନନେନ୍ଦ୍ରିୟ ସହ ଜନ୍ମ ହୋଇଥିଲେ ହେଁ ପୁରୁଷ ପ୍ରକୃତିର ପ୍ରାଧାନ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଚିକିତ୍ସାବିଜ୍ଞାନ ବଳରେ ମଧ୍ୟ ଜଣେ ପୁରୁଷ ନିଜକୁ ନାରୀ କରିପାରୁଛି, ପୁଣି ଜଣେ ନାରୀ ପୁରୁଷ ହୋଇପାରୁଛି । ଚିକିତ୍ସାବିଜ୍ଞାନ ବଳରେ ଏହି ଲିଙ୍ଗ ପରିବର୍ତ୍ତନ ପ୍ରକ୍ରିୟାକୁ ଲିଙ୍ଗାନ୍ତରୀକରଣ କହିପାରିବା । ସମଲିଙ୍ଗୀ ଯୌନ ସଂପର୍କ (homosexuality)କୁ ଆମେ ଦୁଇଭାଗରେ ବିଭକ୍ତ କରିପାରିବା, ପୁରୁଷ-ପୁରୁଷ ସଂପର୍କ (gay) ଏବଂ ନାରୀ-ନାରୀ ସଂପର୍କ

(lesbian) । ଆମ ଦେଶରେ ଡାକ୍ତରଙ୍କ ଦ୍ୱାରା ଲିଙ୍ଗାନ୍ତରୀକରଣ ଏପର୍ଯ୍ୟନ୍ତ ଆଇନାନୁମୋଦିତ ହୋଇନାହିଁ, କିନ୍ତୁ ଏହି ଦୁଇ ପ୍ରକାର ସମଲିଙ୍ଗୀ ସଂପର୍କ ଆମେ ସ୍ଥଳ ବିଶେଷରେ ଅଳ୍ପବହୁତ ଦେଖିବାକୁ ପାଇଥାଉ ।

ପୁଣି ଚିକିତ୍ସା ବିଜ୍ଞାନ ଏତେଦୂର ଆଗେଇଛି ଯେ, ବର୍ତ୍ତମାନ ବୈଜ୍ଞାନିକ ଉପାୟରେ ଜଣେ ଲିଙ୍ଗାନ୍ତରିତ ପୁରୁଷ ବ୍ୟକ୍ତି ମଧ୍ୟ ଶିଶୁପ୍ରସବ କରି ପାରୁଛି । ଏକଥା ଘଟିଛି ଯୁକ୍ତରାଷ୍ଟ୍ର ଆମେରିକାରେ ଗତ ଜୁଲାଇ ୨୦୦୮ରେ । ବିଟି ଥମାସ୍ ଏବଂ ତାଙ୍କ ସ୍ତ୍ରୀ ନାନ୍ସି କିଛିବର୍ଷ ଧରି ଦାମ୍ପତ୍ୟ ଜୀବନ କଟାଇବା ପରେ ସେମାନଙ୍କୁ ଦୁଇବର୍ଷ ତଳେ ଏକ ଅଦ୍ଭୁତ ଖିଆଲ ଜୁଟିଲା । ଯେହେତୁ ତାଙ୍କ ସ୍ତ୍ରୀଙ୍କର ଗର୍ଭାଶୟକୁ କିଛିବର୍ଷ ତଳେ ଅସ୍ତ୍ରୋପଚାର ଦ୍ୱାରା ବିଚ୍ଛିନ୍ନ କରି ଦିଆଯାଇଥିଲା ଏବଂ ସେ ଏହିକାରଣରୁ ଗର୍ଭଧାରଣ ପାଇଁ ଅସମର୍ଥା ଥିଲେ, ତେଣୁ ସ୍ୱାମୀ ଥମାସ୍ ସ୍ଥିର କଲେ ସେ ଗର୍ଭଧାରଣ କରିବେ । ସତକୁ ସତ ଥମାସ୍, ଯେ କି ଜଣେ ଦାଢ଼ିମାନ୍ ପୁରୁଷ, ଗୋଟିଏ ସୁନ୍ଦର କନ୍ୟାଶିଶୁ ପ୍ରସବ କରିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ, ଥମାସ୍ ପ୍ରଥମେ ଝିଅ ଥିଲେ, କିନ୍ତୁ ତାଙ୍କ ପ୍ରକୃତିରେ ପୁରୁଷତ୍ୱର ପ୍ରାଧାନ୍ୟ ଥିବାରୁ ସେ ନାନ୍ସିଙ୍କୁ ବିବାହ କରିବା ପୂର୍ବରୁ ଜାଣିଶୁଣି ଲିଙ୍ଗାନ୍ତରୀକରଣ ବଳରେ ପୁରୁଷରେ ପରିଣତ ହେଲେ ଏବଂ ନିଜର ସ୍ତନଦ୍ୱୟକୁ ଅସ୍ତ୍ରୋପଚାର ଦ୍ୱାରା ବିଚ୍ଛିନ୍ନ କରିଦେଇଥିଲେ । ସେ ଜଣେ ପୁରୁଷରେ ପରିଣତ ହୋଇଥିଲେ ହେଁ ଜାଣିଶୁଣି ଗର୍ଭାଶୟକୁ ବଜାୟ ରଖିଥିଲେ, କାରଣ ତାଙ୍କର ଗର୍ଭଧାରଣ ପାଇଁ ଏକ ଦୃଢ଼ ଅଭିଳାଷ ଥିଲା । ଆଉ ଜଣେ ପୁରୁଷ ବ୍ୟକ୍ତିଙ୍କର ଶୁକ୍ରାଣୁ ଆଣି ଥମାସ୍‌ଙ୍କ ଗର୍ଭାଶୟରେ ପ୍ରବେଶ କରାଇବା ଫଳରେ ଥମାସ୍ ଗର୍ଭଧାରଣ କରିଥିଲେ ।

## ସାଂପ୍ରତିକ ବିଶ୍ୱରେ ତୃତୀୟ ଲିଙ୍ଗ

ବିଂଶ ଶତାବ୍ଦୀର ଆଦ୍ୟଭାଗରେ ଯୁକ୍ତରାଷ୍ଟ୍ର ଆମେରିକାର ଗବେଷକ ହାଭେଲିକ୍ ଏଲିସ୍ ଏବଂ ଆଲଫ୍ରେଡ୍ କିନ୍‌ସେଙ୍କ ଲିଙ୍ଗ ସଂପର୍କୀତ ଅଧ୍ୟୟନ ସମଲିଙ୍ଗୀ ସଂପର୍କର ମାନ୍ୟତା ପାଇଁ ଆନ୍ଦୋଳନକୁ ବୌଦ୍ଧିକ ଖୋରାକ ଯୋଗାଇଥିଲା । ବିଂଶ ଶତାବ୍ଦୀର ଷାଠିଏ ଦଶନ୍ଧିର ଶେଷ ଭାଗରେ ନିଉୟର୍କରେ ଏକ ସମଲିଙ୍ଗୀ କ୍ଲବ୍ ଉପରେ ପୋଲିସ୍‌ର ଚଢ଼ାଉକୁ ପ୍ରତିବାଦ କରିବାକୁ ଯାଇ ସମଲିଙ୍ଗୀମାନଙ୍କର ଆନ୍ଦୋଳନ ଦାନା ବାନ୍ଧିଥିଲା । ପୂର୍ବେ ଯୁକ୍ତରାଷ୍ଟ୍ର ଆମେରିକାରେ ସମଲିଙ୍ଗୀ ଯୌନ ପ୍ରବଣତାକୁ ଏକ ବ୍ୟାଧି ରୂପେ ମନେ କରାଯାଉଥିଲା । କିନ୍ତୁ ସମଲିଙ୍ଗୀମାନଙ୍କର ଆନ୍ଦୋଳନ ଫଳରେ ୧୯୭୩ରେ ଏହାକୁ ବ୍ୟାଧି-ତାଲିକାରୁ ଉଚ୍ଛେଦ କରାଗଲା । ଏବଂ ତାହା ପରେ ସମଲିଙ୍ଗୀମାନେ ନିଜ ଭିତରେ ବିବାହ କରିବା, ପୋଷ୍ୟସନ୍ତାନ ଗ୍ରହଣ କରିବା ଏବଂ ଅନ୍ୟାନ୍ୟ ଆଇନ୍‌ଗତ ଅଧିକାର ହାସଲ କରିବାର ରାସ୍ତା ପରିଷ୍କାର ହୋଇଗଲା । ଇତି ମଧ୍ୟରେ ବିଶ୍ୱର ଉନ୍ନତ ରାଷ୍ଟ୍ରସମୂହ ସମେତ ଅନେକ ଦେଶ ସମଲିଙ୍ଗୀ ସଂପର୍କକୁ ଅଳ୍ପବହୁତ ମାନ୍ୟତା ଦେଇସାରିଲେଣି । କାନାଡା, ନେଦରଲାଣ୍ଡ, ବେଲଜିୟମ୍, ସ୍ପେନ୍, ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ମାସାଚୁସେଟସ୍ ରାଜ୍ୟ ସମଲିଙ୍ଗୀଙ୍କ ଭିତରେ ବିବାହକୁ ସଂପୂର୍ଣ୍ଣ ମାନ୍ୟତା ଦେଇଥିବା ବେଳେ । ଜର୍ମାନୀ, ଫ୍ରାନସ୍, ଇଂଲଣ୍ଡ, ଡେନମାର୍କ, ନରୱେ, ଫିନ୍‌ଲାଣ୍ଡ ଓ ଆଇସ୍‌ଲାଣ୍ଡ ସମେତ ଇଉରୋପ୍‌ର ୯ଟି ଦେଶ ସମଲିଙ୍ଗୀଙ୍କ ଭିତରେ ପରିବାର ଗଠନ ଏବଂ ସମ୍ପତ୍ତିରେ ଅଂଶୀଦାରତ୍ୱକୁ ଆଇନ୍ ସମ୍ମତ କରିସାରିଲେଣି । ଇଉରୋପୀୟ ୟୁନିୟନ୍ ନିର୍ଦ୍ଦେଶ ଦେଇଛି ଯେ, କର୍ମନିଯୁକ୍ତି କ୍ଷେତ୍ରରେ କୌଣସି ଲିଙ୍ଗୀୟ ବାଛବିଚାର କରାଯିବନାହିଁ । ବ୍ରାଜିଲ୍, ଇକ୍ୟୁଏଡର୍ ଓ ମେକ୍ସିକୋ ମଧ୍ୟ ଏତାଦୃଶ ବିଧିବିଧାନ ପ୍ରବର୍ତ୍ତନ କରିସାରିଲେଣି । ଉଭୟ ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ସମଲିଙ୍ଗୀଙ୍କ ବିରୁଦ୍ଧରେ କୌଣସି ବାଛବିଚାରକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଆଇନ୍ ପ୍ରବର୍ତ୍ତନ କରିଛନ୍ତି । ନିଜର ସମ୍ବିଧାନରେ ଜଣେ ବ୍ୟକ୍ତିର ଲିଙ୍ଗୀୟ ପସନ୍ଦକୁ ଭିତ୍ତି କରି କୌଣସି ପକ୍ଷପାତିତା କରାଯିବ ନାହିଁ ବୋଲି ୧୯୯୮ରେ ଫିଜି ନିଜର ସମ୍ବିଧାନରେ ଘୋଷଣା କରିଛି । ସମଲିଙ୍ଗୀଙ୍କ ଭିତରେ ବିବାହକୁ ବିରୋଧ କରିବା ଏକ ଅସାମ୍ବିଧାନିକ କାର୍ଯ୍ୟ ବୋଲି ୨୦୦୫ରେ ଦକ୍ଷିଣ ଆଫ୍ରିକା ଘୋଷଣା କରିଛି । ଭାରତର ଦଫା ୩୭୭ ଭଳି ସମଲିଙ୍ଗୀ ସଂପର୍କକୁ ବେଆଇନ୍ ବୋଲି ଦର୍ଶାଉଥିବା ଆଇନ୍‌କୁ ହଂକଂ ୧୯୯୦ରେ ପ୍ରତ୍ୟାହାର କରିସାରିଛି । ଥାଇଲାଣ୍ଡରେ ସମଲିଙ୍ଗୀ ସଂପର୍କକୁ ଏକ ମାନସିକ ବ୍ୟାଧି ବୋଲି ବିବେଚନା କରିବାର ପରମ୍ପରା ୨୦୦୨ରୁ ଆଇନ୍ ବଳରେ ପ୍ରତ୍ୟାହୃତ ହୋଇସାରିଛି । ୨୦୦୩ ରୁ ତାଇୱାନ୍ ସମଲିଙ୍ଗୀ ବିବାହକୁ ମାନ୍ୟତା ଦେବାର ବୈଧାନିକ ପ୍ରକ୍ରିୟା ଆରମ୍ଭ କରିଛି ।

## ଭାରତରେ ତୃତୀୟ ଲିଙ୍ଗୀଙ୍କ ଜୀବନଶୈଳୀ

ଯେହେତୁ ଜନଗଣନାରେ କେବଳ ଦୁଇ ପ୍ରମୁଖ ଲିଙ୍ଗକୁ ସ୍ଥାନ ଦିଆଯାଇଛି, ତେଣୁ ଭାରତରେ କେତେସଂଖ୍ୟକ ତୃତୀୟ ଲିଙ୍ଗୀ ଅଛନ୍ତି, ତାହା କହିବା ମୁସ୍କିଲ୍ । କିନ୍ତୁ ସେମାନଙ୍କ ସଂଖ୍ୟା ପ୍ରାୟ ୨୫ଲକ୍ଷ ହେବ ବୋଲି ଭାରତ ସରକାର ନିକଟରେ ଦିଲ୍ଲୀ ହାଇକୋର୍ଟ ସାମନାରେ ଉପସ୍ଥାପନା କରିଥିବା ଏକ ସତ୍ୟପାଠରେ ସ୍ୱୀକାର କରିଛନ୍ତି । ସେମାନେ 'ବହୁଚାର ମାତା'କୁ ପୂଜା କରନ୍ତି । ସେମାନଙ୍କ ଭିତରେ ଯେଉଁମାନେ ନିର୍ବାଣ ନାମକ ଏକ ସ୍ୱତନ୍ତ୍ର ପୂଜାବିଧି ଅନୁସରଣ କରି ଜଣେ ପାରମ୍ପରିକ ଧାଇ ଦ୍ୱାରା ଅସ୍ତ୍ରୋପଚାର ଜରିଆରେ ନିଜର ପୁରୁଷ ଜନନେନ୍ଦ୍ରିୟକୁ ଛେଦ କରିଥାନ୍ତି, ସେମାନେ ଖାଣ୍ଟି ହିଞ୍ଜଡା ରୂପେ ପରିଗଣିତ ହୁଅନ୍ତି । ସେମାନେ ନିଜକୁ ଗୋଟିଏ ଏକାନ୍ନବର୍ତ୍ତୀ ପରିବାରର ସଦସ୍ୟ ବୋଲି ମନେ କରିଥାଅନ୍ତି ଏବଂ ଏହାର ମୁଖିଆକୁ ଗୁରୁ ବୋଲି ସମ୍ବୋଧନ କରନ୍ତି । ସେମାନେ ଯାହାକିଛି ରୋଜଗାର କରନ୍ତି, ଗୁରୁଙ୍କୁ ଦେଇଥାଆନ୍ତି ଏବଂ ଗୁରୁ

ସେମାନଙ୍କର ରହିବା ଓ ଖାଇବା ଇତ୍ୟାଦି ଦାୟିତ୍ୱ ନେବା ସହିତ ଅନ୍ୟାନ୍ୟ ସମସ୍ତ ଭଲମନ୍ଦ ବୁଝନ୍ତି । କହିବାକୁ ଗଲେ ଗୁରୁ ହେଉଛନ୍ତି ତାଙ୍କର ଏକାଧାରରେ ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ । ସେମାନେ ପରସ୍ପରକୁ ମହିଳା ବୋଲି ମନେକରି ଅପା, ନାନୀ ଓ ମାଉସୀ ଇତ୍ୟାଦି ସମ୍ବୋଧନ କରିଥାଆନ୍ତି । ସେମାନଙ୍କର ଜୀବିକା ହେଉଛି, ଟ୍ରେନ୍ ଓ ସର୍ବସାଧାରଣ ସ୍ଥାନରେ ତଥା ମେଳାମଉଛବ, ବିବାହବ୍ରତ ଏବଂ ଠାକୁରଙ୍କ ଉଦ୍ଦେଶ୍ୟରେ ନାଚଗୀତ କରି ପଇସା ମାଗିବା ଏବଂ ସ୍ଥଳ ବିଶେଷରେ ଲୋକଙ୍କୁ ମାଲିସ୍ କରି ପଇସା ରୋଜଗାର କରିବା । ସେମାନେ ପରସ୍ପର ଭିତରେ ଯୌନସଂପର୍କ ରଖିବା ସହିତ ପଇସା ପାଇଁ ବାହାର ଲୋକଙ୍କ ଦୈହିକ ମନୋରଞ୍ଜନ କରିଥାଆନ୍ତି । ଏହା ଆଇନତଃ ଅବୈଧ ହୋଇଥିବାରୁ ସେମାନେ ଏହି କାର୍ଯ୍ୟ ଗୋପନରେ କରିଥାଆନ୍ତି । ବର୍ତ୍ତମାନ ସେମାନଙ୍କର ଏହି ଯୌନକାର୍ଯ୍ୟ ଏଚ୍.ଆଇ.ଭି. ଓ ଏଡସ୍ ସଂକ୍ରମଣର ଏକ ପ୍ରମୁଖ ମାଧ୍ୟମ ବୋଲି ପରିଗଣିତ ।

## ତୃତୀୟ ଲିଙ୍ଗ ପରିପନ୍ଥୀ ଔପନିବେଶିକ ଆଇନ୍

ମୋଟ ଉପରେ କହିଲେ, ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତରେ ମିଶ୍ରଲିଙ୍ଗୀମାନେ ବିଭିନ୍ନ ବିଶେଷ କିସମର ଉପାର୍ଜନ-ମୁଖୀ ଧନ୍ଦାରେ ନିଯୁକ୍ତ ରହି ସମାଜର ମୁଖ୍ୟସ୍ରୋତର ଜନସମୁଦାୟ ସହିତ ସହାବସ୍ଥାନ କରିପାରୁଥିଲେ । ରଥ୍ ବନିତା ଓ ସଲିମ୍ କିଦ୍‌ୱାଇଙ୍କ ଦ୍ୱାରା ରଚିତ 'ସାହିତ୍ୟ ଏବଂ ଇତିହାସର ଅଧ୍ୟୟନରୁ ଭାରତରେ ସମଲିଙ୍ଗୀ ପ୍ରେମ' (୨୦୦୧) ଶୀର୍ଷକ ଏକ ସଂକଳନରୁ ଏହି ସତ୍ୟ ସ୍ପଷ୍ଟ ହୁଏ । ପ୍ରଥମେ ଇଂରେଜମାନେ ହିଁ ଆଇନ୍ ବଳରେ ମିଶ୍ରଲିଙ୍ଗୀଙ୍କ ପ୍ରତି ଏକ ନକାରାତ୍ମକ ମନୋଭାବର ବାତାବରଣ ସୃଷ୍ଟି କଲେ । ୧୮୬୦ରେ ଇଂରେଜ ପ୍ରବର୍ତ୍ତୀତ ଭାରତୀୟ ଦଣ୍ଡ ସଂହିତାର ଦଫା ୩୭୭ରେ 'ପ୍ରକୃତିର ଶୃଙ୍ଖଳାକୁ ଉଲ୍ଲଂଘନ କରୁଥିବା' ଯେ କୌଣସି ପ୍ରକାର ଯୌନସଂଗମ, ତାହା ପୁରୁଷ, ନାରୀ ବା ପଶୁ ସହିତ ହୋଇଥାଉ, ଏକ ଅପରାଧ ବୋଲି ବିବେଚିତ ହେଲା, ଏବଂ ଏଥିପାଇଁ ଆଜୀବନ ବା ଅନ୍ୟୁନ ୧୦ବର୍ଷର ଅଶ୍ରମ ବା ସଶ୍ରମ ଜେଲ୍ ସହିତ ଜୋରିମାନାର ଦଣ୍ଡବିଧାନ ସ୍ଥାନିତ କରାଗଲା । ଇଂରେଜମାନେ ୧୮୭୧ରେ ଆଉ ଏକ ଆଇନ୍ ପ୍ରଚଳନ କରିଥିଲେ, ଯାହାର ନାମ ହେଉଛି 'ଅପରାଧର ପ୍ରବଣତା ଥିବା ଜନଗୋଷ୍ଠୀ ଏବଂ ନପୁଂସକମାନଙ୍କ ପଞ୍ଜୀକରଣ ପାଇଁ ଆଇନ୍', ଯାହାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ତୃତୀୟ ଲିଙ୍ଗୀଙ୍କୁ ଠାବ କରି ସେମାନଙ୍କ କାର୍ଯ୍ୟକଳାପ ଉପରେ ତୀକ୍ଷଣ ନଜର ରଖିବା ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଏହି ପ୍ରକାର ଆଇନ୍ ସେତେବେଳେ ଇଂଲଣ୍ଡରେ ମଧ୍ୟ ପ୍ରଚଳିତ ଥିଲା । କିନ୍ତୁ ଇଂଲଣ୍ଡରେ ଏହା କେବେଠାରୁ ପ୍ରତ୍ୟାହୃତ ହୋଇଯାଇଥିଲେ ହେଁ ଭାରତରେ ଏବେ ବି କାଏମ୍ ରହିଛି । ଯେଉଁ ଭାରତରେ ହଜାର ହଜାର ବର୍ଷ ଧରି ମିଶ୍ରଲିଙ୍ଗୀଙ୍କ ଅବସ୍ଥାନକୁ ଏକ ସ୍ୱାଭାବିକ ବୈଶିଷ୍ଟ୍ୟ ବୋଲି ଧରି ନିଆଯାଇଥିଲା, ଉକ୍ତ ଇଂରେଜ-ପ୍ରଣୀତ ଆଇନ୍ ଚାଲୁ ହେବା ପରେ ସେମାନଙ୍କୁ ଯେ କେବଳ ପୋଲିସ୍ ନିର୍ଯ୍ୟାତନାର ସମ୍ମୁଖୀନ ହେବାକୁ ପଡିଲା, ତାହା ନୁହେଁ, ଭାରତୀୟ ଜନମାନସରେ ସେମାନଙ୍କ ପ୍ରତି ଏକ ତାସ୍ଲ୍ୟପୂର୍ଣ୍ଣ ମନୋଭାବ ଗଢ଼ିଉଠିଲା, ଏବଂ ସାଧାରଣ ଲୋକେ ସେମାନଙ୍କୁ ବିଦ୍ରୁପ କରିବାରେ ଲାଗିଲେ । ସେମାନଙ୍କ ପ୍ରତି ପୋଲିସ୍‌ର ହଇରାଣ ହରକତ୍ ଏବଂ ଜନସମାଜର ବ୍ୟଙ୍ଗବିଦ୍ରୁପ ସତ୍ତ୍ୱେ ସେମାନେ ଏବେ ବି ତିଷ୍ଠି ରହିଛନ୍ତି, ଏବଂ ଏକ ଯୌଥବଦ୍ଧ ଜୀବନଶୈଳୀ ଆପଣେଇବା ସହିତ ବିଭିନ୍ନ ମନୋରଞ୍ଜନ ମୂଳକ ଜନସେବା କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ।

## ତୃତୀୟ ଲିଙ୍ଗୀଙ୍କ ସପକ୍ଷରେ ପ୍ରୟାସ

ଏହା ଏକ ଆଶ୍ୱାସନାର କଥା ଯେ, ସମଲିଙ୍ଗୀ ଯୌନସଂପର୍କକୁ ଅବୈଧ ଏବଂ ଦଣ୍ଡନୀୟ ବୋଲି ଘୋଷଣା କରିଥିବା ଭାରତୀୟ ଦଣ୍ଡସଂହିତାର ଧାରା ୩୭୭ ବଜାୟ ଥିବା ସତ୍ତ୍ୱେ ଆମ ଦେଶର ଚିକିତ୍ସାବିଜ୍ଞାନୀ ଏବଂ ନ୍ୟାୟାଧୀଶମାନେ ତୃତୀୟ ଲିଙ୍ଗ ପ୍ରତି ସହାନିଭୂତିଶୀଳ ମନୋଭାବ ପ୍ରଦର୍ଶନ କରୁଛନ୍ତି । ମେକ୍ସିକୋରେ ଏଡ଼ସ୍ ଉପରେ ଅନୁଷ୍ଠିତ ୧୭ତମ ଆନ୍ତର୍ଜାତିକ ସମ୍ମିଳନୀରେ ଭାରତର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଆନ୍‌ବୁମାନି ରାମାଦୋସ୍ କହିଥିଲେ ଯେ, ପୁରୁଷ-ପୁରୁଷ ଭିତରେ ସମଲିଙ୍ଗୀ ଯୌନସଂପର୍କକୁ ଅପରାଧ ବୋଲି ବିବେଚନା କରୁଥିବା ଭାରତୀୟ ଦଣ୍ଡବିଧି ଆଇନ୍‌ର ଦଫା ୩୭୭ର ଉଚ୍ଛେଦ ହେବା ଜରୁରୀ । ସେ ପୁଣି କହିଥିଲେ, ଏଡ଼ସ୍ ବିରୁଦ୍ଧରେ ଆମର ଅଭିଯାନ ସଫଳ ହୋଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ଆମର ଶାସନବ୍ୟବସ୍ଥା ଏହି ବ୍ୟାଧିର ସମ୍ଭାବ୍ୟ ବାହକ ଯୌନକର୍ମୀ ଏବଂ ସମଲିଙ୍ଗୀ ଗୋଷ୍ଠୀମାନଙ୍କ ବିରୁଦ୍ଧରେ ବାଛବିଚାର କରୁଥିବ । ଆମ ଦେଶରେ ମଧ୍ୟ ଭାରତୀୟ ଭେଷଜବିଜ୍ଞାନ ଗବେଷଣା ପରିଷଦ (ଆଇ.ସି.ଏମ୍.ଆର୍.) ତରଫରୁ ୨୦୦୪ ମସିହାରୁ ଜଣେ ଅବିବାହିତ ପୁରୁଷ ବା ସ୍ତ୍ରୀ ଅଥବା ଗୋଟିଏ ସମଲିଙ୍ଗୀ ଦମ୍ପତ୍ତି କିପରି ପିଲାଜନ୍ମ କରିପାରିବେ ବା 'ଉଧାର ମାତୃତ୍ୱ' ଜରିଆରେ ନିଜେ ପିଲାର ପିତାମାତା ହୋଇପାରିବେ, ସେ ବିଷୟରେ ମାର୍ଗଦର୍ଶୀକା ସଂକଳନ କରିଚାଲିଛନ୍ତି । ଏହାର ଚିଠା ଚୂଡାନ୍ତ ହେବା ପରେ ଏହା ଉପରେ ଜନମତ ଆହ୍ୱାନ୍ କରାଯିବ ଏବଂ ତତ୍‌ପରେ ଏହା ଉପରେ ସଂସଦରେ ଏକ ଆଇନ୍ ପ୍ରଣୟନ କରାଯିବ ।

ଭାରତରେ ଯେଉଁ ଚିନ୍ତାବିତ୍‌ମାନେ ସମଲିଙ୍ଗୀମାନଙ୍କର ଅଧିକାର ସମ୍ବନ୍ଧରେ ସ୍ୱର ଉତ୍ତୋଳନ କରି ଆସିଛନ୍ତି, ସେମାନଙ୍କ ଭିତରେ ଅଗ୍ରଗଣ୍ୟ ହେଉଛନ୍ତି ବିକ୍ରମ ସେଠ୍ ଯେ କି ନିଜେ ଜଣେ ସମଲିଙ୍ଗୀ । ସେ ସେପ୍ଟେମ୍ବର ୨୦୦୬ରେ ଭାରତର ସରକାର, ନ୍ୟାୟପାଳିକା ଏବଂ ନାଗରିକ ସମାଜକୁ ସଂବୋଧନ କରି ଏକ ସଂକ୍ଷିପ୍ତ ଅଥଚ ବଳିଷ୍ଠ ଖୋଲାଚିଠି ଜାରି କରିଛନ୍ତି ଏବଂ ସେଥିରେ ଦଫା ୩୭୭ର ଉଚ୍ଛେଦ ପାଇଁ ଦାବୀ

କରିଛନ୍ତି । ସେହି ଖୋଲାଚିଠିର ସହ-ସାକ୍ଷରକାରୀମାନଙ୍କ ଭିତରେ ଅଛନ୍ତି ସ୍ୱାମୀ ଅଗ୍ନେବେଶ, ସୋଲି ସରାବ୍‌ଜୀ, କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହଗଲ୍, ଏମ୍.ଜେ.ଆକବର୍, ପୂଜା ବେଦୀ, ଶ୍ୟାମ ବେନିଗଲ୍, ନନ୍ଦିତା ଦାସ, ଶୋଭା ଦେ, ବରଖା ଦତ୍ତ, ରାମଚନ୍ଦ୍ର ଗୁହା, ସୋନାଲ୍ ମାନସିଂହ, ମୀରା ନାୟର, ଅମଲ୍ ପାଲେକର୍, ପ୍ରଦୀପ ପ୍ରଭୁ, ଅରୁଣା ରାୟ, ଅରୁନ୍ଧତୀ ରାୟ, ନରେଶ୍ ଚନ୍ଦ୍ର ସାକ୍ସେନା, ଅପର୍ଣ୍ଣା ସେନ୍ ଏବଂ ବ.ଜି.ଭର୍ଗୀଜ । ଏହାଛଡା ସମଲିଙ୍ଗୀଙ୍କ ଅଧିକାର ସପକ୍ଷରେ ସଲମାନ୍ ରୁସ୍‌ଦୀ, କିରଣ ଦେଶାଇ ଏବଂ ଅମିତ ଚୌଧୁରୀ ମଧ୍ୟ ସେମାନଙ୍କ ଶାଣିତ ଲେଖା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଛନ୍ତି । ନୋବେଲ୍ ବିଜେତା ଅମର୍ତ୍ତ୍ୟ ସେନ ୨୦ ଅଗଷ୍ଟ ୨୦୦୬ରେ ଏକ ବିବୃତ୍ତିରେ ଔପନିବେଶିକ ଶାସକମାନେ ଦଫା ୩୭୭ ବଳରେ ସମଲିଙ୍ଗୀ ଯୌନାଚାରକୁ ଏକ ଗୁରୁତର ଅପରାଧ ବୋଲି ଦର୍ଶାଇବା ବ୍ୟବସ୍ଥା ସ୍ୱାଧୀନ ଭାରତରେ ବଜାୟ ରହିବା ବାଂଛନୀୟ ନୁହେଁ ବୋଲି ନିଜର ସୁସ୍ପଷ୍ଟ ମତ ପୋଷଣ କରିଛନ୍ତି ।

## ନ୍ୟାୟାଳୟ ଦୃଷ୍ଟିରେ ତୃତୀୟ ଲିଙ୍ଗ

ସମଲିଙ୍ଗୀମାନଙ୍କର ଅଧିକାର ପାଇଁ ଅଭିଯାନ ଚଳାଇଥିବା ନାଜ୍ ଫାଉଣ୍ଡେସନ୍ ତରଫରୁ ଦିଲ୍ଲୀ ହାଇକୋର୍ଟରେ ପ୍ରଥମେ ୨୦୦୧ରେ ଏକ ଜନସ୍ୱାର୍ଥ ମାମଲା ଦାଏର୍ କରାଯାଇଥିଲା । ଫାଉଣ୍ଡେସନ୍ ଯୁକ୍ତି ଦର୍ଶାଇଥିଲେ ଯେ, ସମଲିଙ୍ଗୀ ସଂପର୍କ ଏକ ଅପରାଧ ହୋଇଥିବାରୁ ସେମାନେ ପୋଲିସ୍ ଡରରେ କୌଣସି ଡାକ୍ତରଙ୍କ ପାଖକୁ ଯାଇ ସେମାନଙ୍କର ରୋଗ ପରୀକ୍ଷା କରାଇପାରୁନାହାନ୍ତି, ଯାହା ଫଳରେ ଏଚ୍.ଆଇ..ଭି./ଏଡ୍‌ସ୍‌ର ସଂକ୍ରମଣ ଭିତରେ ଭିତରେ ବ୍ୟାପି ଚାଲିଛି । କିନ୍ତୁ ହାଇକୋର୍ଟ ୨୦୦୪ରେ ଏକ ବୈଧାନିକ ପ୍ରଶ୍ନ ଉଠାଇ ଏହାକୁ ଖାରଜ କରିଦେଇଥିଲେ । ଅଦାଲତ କହିଥିଲେ ଯେ, ଯେହେତୁ କୌଣସି ଏଫ୍.ଆଇ.ଆର୍. କୁ ଆଧାର କରି ଏହି ମାମଲା ଆଗତ ହୋଇନାହିଁ, ତେଣୁ ଏହା ଗ୍ରହଣଯୋଗ୍ୟ ନୁହେଁ । ଏହା ପରେ ଏହି ଖାରଜ ଆଦେଶ ବିରୁଦ୍ଧରେ 'ଲୟରସ୍ କଲେକ୍ଟିଭ୍' ନାମକ ଏକ ସଂସ୍ଥା ତରଫରୁ ସୁପ୍ରିମ୍ କୋର୍ଟରେ ଏକ ମାମଲା ଦାଏର୍ ହୋଇଥିଲା । ଏହାକୁ ଗ୍ରହଣ କରି ସୁପ୍ରିମ୍ କୋର୍ଟ ଫେବୃଆରି ୨୦୦୬ରେ ଦିଲ୍ଲୀ ହାଇକୋର୍ଟଙ୍କୁ ଏହି ମାମଲା ଶୁଣାଣି କରିବା ପାଇଁ ନିର୍ଦ୍ଦେଶ ଦେଲେ । ଚଳିତ ବର୍ଷ ଏବେ ନିକଟରେ ଦିଲ୍ଲୀ ହାଇକୋର୍ଟ ଭାରତ ସରକାରଙ୍କ ସମଲିଙ୍ଗୀ-ବିରୋଧୀ ଅବସ୍ଥାନକୁ ଖଣ୍ଡନ କରି ଓଲଟା ପ୍ରଶ୍ନ କରିଥିଲେ, "ଗୋଟିଏ ରିପୋର୍ଟ ଦେଖାଅ, ଯେଉଁଠି ସମଲିଙ୍ଗୀ ଯୌନାଚାରକୁ ଏକ ରୋଗ ବୋଲି କୁହାଯାଇଛି । ବରଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ନିବନ୍ଧ କହୁଛି ଯେ, ଏହା ଏକ ରୋଗ ନୁହେଁ"। ଏକଥା ସତ, ଏହା ଏଡ୍‌ସ୍ ଭଳି ରୋଗର ଏକ ମୁଖ୍ୟ ବାହକ, କିନ୍ତୁ ଏହା ନିଜେ ଗୋଟିଏ ରୋଗ ନୁହେଁ" । ବଡ ବିସ୍ମୟର କଥା, ଭାରତ ସରକାରଙ୍କ ଦୁଇଟି ମନ୍ତ୍ରଣାଳୟ ପରସ୍ପର ବିରୋଧୀ ମତ ଦେଇଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦଫା ୩୭୭କୁ ଉଠାଇବାକୁ ଚାହୁଁଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାକୁ ବଜାୟ ରଖିବା ସପକ୍ଷରେ ମତ ଦେଇଥିଲେ । ଏହାଛଡା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହାର ବରିଷ୍ଠ ନେତା ବି.ପି.ସିଙ୍ଘାଲ୍ ଏହି ମାମଲାରେ ଭାରତ ସରକାରଙ୍କ ପଟରେ ନିଜକୁ ପକ୍ଷଭୁକ୍ତ କରି ଯୁକ୍ତି ବାଢିଥିଲେ ଯେ, ପାଶ୍ଚାତ୍ୟ ସଂସ୍କୃତିରୁ ଆମଦାନୀ ହୋଇଥିବା ସମଲିଙ୍ଗୀ ପ୍ରେମ ଶାରିରୀକ ଆଘାତ ସୃଷ୍ଟି କରିଥାଏ ଏବଂ ଏହା ପୂର୍ବଭଳି ନିଷିଦ୍ଧ ରହିବା ଆବଶ୍ୟକ । କିନ୍ତୁ ହାଇକୋର୍ଟ ଏହାର ପ୍ରତ୍ୟୁତ୍ତରରେ କହିଥିଲେ ଯେ, ଯେଉଁସବୁ ଦେଶରେ ସମଲିଙ୍ଗୀ ଯୌନାଚାର ଉପରୁ କଟକଣା ଉଠିଗଲାଣି, ସେଠାରୁ ସ୍ୱାସ୍ଥ୍ୟଗତ କ୍ଷତି ସମ୍ବନ୍ଧରେ କୌଣସି ପ୍ରମାଣ ମିଳିନାହିଁ । ଏପ୍ରକାର କ୍ଷତି ସମ୍ବନ୍ଧରେ ଯଦି କୌଣସି ଅଧ୍ୟୟନ ଥାଏ, ତାକୁ ଉପସ୍ଥାପନ କରିବା ପାଇଁ କୋର୍ଟ ଶ୍ରୀ ସିଂଘାଲ୍‌ଙ୍କୁ ଆହ୍ୱାନ୍ କରିଥିଲେ କିନ୍ତୁ ଶ୍ରୀ ସିଂଘାଲ୍ ଏପ୍ରକାର କୌଣସି ଅଧ୍ୟୟନ ହୋଇନାହିଁ ବୋଲି ସ୍ୱୀକାର କରିଥିଲେ ।

ଭାରତ ସରକାର ତାଙ୍କର ପ୍ରତିଯୁକ୍ତିରେ ଦର୍ଶାଇଛନ୍ତି ଯେ, ଦଫା ୩୭୭ର ଉଚ୍ଛେଦ ଘଟିଲେ ବିଭିନ୍ନ ପ୍ରକାର ବିକୃତ ଯୌନାଚାର ପ୍ରୋତ୍ସାହନ ପାଇବ, କାରଣ ଏହି ଦଫା ଅଧୀନରେ ଜଣେ ନାବାଳକ ସହିତ ଯୌନାଚାରକୁ ମଧ୍ୟ ଦଣ୍ଡନୀୟ କରାଯାଇଛି । କିନ୍ତୁ ଭାରତର ବିଧି କମିଶନ୍‌ଙ୍କ ୧୭୨ତମ ବିବରଣୀ ଅନୁଯାୟୀ ସମଲିଙ୍ଗୀ ଯୌନାଚାରକୁ ନିଷିଦ୍ଧ କରୁଥିବା ଦଫା ୩୭୭ର ଉଚ୍ଛେଦ ହେବା ଜରୁରୀ ଏବଂ ନାବାଳକ ସହିତ ଯୌନାଚାର, ଯାହାକି ବର୍ତ୍ତମାନ ଦଫା ୩୭୭ ଅଧୀନରେ ଅନ୍ତର୍ଭୁକ୍ତ ରହିଛି, ତହିଁର ନିଷେଧ ପାଇଁ ଏକ ସ୍ୱତନ୍ତ୍ର ଦଫା ପ୍ରଣୀତ ହୋଇପାରେ । ଏକାଦଶ ପଞ୍ଚବାର୍ଷିକ ଯୋଜନା ମଧ୍ୟ ଦଫା ୩୭୭ର ଉଚ୍ଛେଦ ପାଇଁ ପ୍ରସ୍ତାବ ରଖିଛି । ଯୌନ ନିର୍ଯ୍ୟାତନା ଉପରେ ଜାତୀୟ ମହିଳା କମିଶନ୍ ନିଜେ ପ୍ରସ୍ତୁତ କରିଥିବା ଚିଠା ବିଧେୟକରେ ସମ୍ମତି-ଭିତ୍ତିକ ସମଲିଙ୍ଗୀ ଯୌନସଂପର୍କକୁ ଆଇନ୍ ସମ୍ମତ କରିବା ପାଇଁ ପ୍ରାବ୍‌ଧାନ ରଖିଛି ।

## ଭାରତର ରାଜନୀତିରେ ତୃତୀୟ ଲିଙ୍ଗ

ଜଣେ ତୃତୀୟ ଲିଙ୍ଗୀ ବ୍ୟକ୍ତି ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରୁ ନିର୍ବାଚନ ଲଢି ପାରିବେ କି ନାହିଁ, ଏ ବିଷୟରେ ଏକ କେଶ୍ ଗତ ୫ବର୍ଷ ଧରି ସୁପ୍ରିମ୍ କୋର୍ଟରେ ବିଚାରାଧୀନ ଅଛି । ଶବ୍‌ନମ୍ ମାଉସୀ ବୋଲି ଜଣେ ବିଶିଷ୍ଟ ତୃତୀୟ-ଲିଙ୍ଗୀ ବ୍ୟକ୍ତି ମଧ୍ୟପ୍ରଦେଶର ସୋହାଗପୁର ବିଧାନସଭା ଆସନରୁ ଜିଣି ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ବିଧାୟକ ଥିଲେ । ମୀନାବାଇ ମଧ୍ୟପ୍ରଦେଶର ପ୍ରାଚୀନତମ ପୌରପାଳିକା ସେହୋରାର ଅଧ୍ୟକ୍ଷ

ନିର୍ବାଚିତ ହୋଇଥିଲେ । ୨୦୦୫ରେ ସୋନିଆ ଆଜମେରୀ ନାମକ ଜଣେ ତୃତୀୟ ଲିଙ୍ଗୀ ଗୁଜୁରାଟର ବିଧାନସଭା ସଦସ୍ୟପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିଥିଲେ । ନଭେମ୍ବର ୨୦୦୦ରେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ଉତ୍ତରପ୍ରଦେଶର ଗୋରଖପୁର ନଗରପାଳିକାର ମେୟର ପଦବୀ  ପାଇଁ ତୃତୀୟ ଲିଙ୍ଗୀ ଅଶା ଦେବୀ ନିର୍ବାଚିତ ହୋଇଥିଲେ । କିନ୍ତୁ କୋର୍ଟ ଆଦେଶରେ ସେ ପ୍ରଥମେ ପଦବୀ ହରାଇଥିଲେ ହେଁ ପରେ ପୁଣି ଏହାକୁ ଫେରି ପାଇଥିଲେ । ଜାନୁଆରୀ ୨୦୦୦ରେ କମଳା ଜାନ୍ ନାମକ ଜଣେ ତୃତୀୟ ଲିଙ୍ଗୀ ମଧ୍ୟପ୍ରଦେଶର କଟ୍‌ନୀ ସହରର ମେୟର୍ ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ ଫେବୃଆରୀ ୨୦୦୩ରେ ମଧ୍ୟପ୍ରଦେଶ ହାଇକୋର୍ଟ ଏକ ତଳକୋର୍ଟର ରାୟକୁ କାଏମ୍ ରଖି କହିଥିଲେ ଯେ, ତୃତୀୟ ଲିଙ୍ଗୀ ବ୍ୟକ୍ତି ମହିଳା ଭାବେ ନିର୍ବାଚନରେ ଛିଡା ହୋଇ ପାରିବେ ନାହିଁ ଏବଂ କମଳାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ । କମଳା ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ୍ କୋର୍ଟରେ ଅପିଲ୍ କରିଥିଲେ, ଏବଂ ଏହାର ଫଇସଲା ଏବେବି ବାକୀ ଅଛି । ହରିଆନାର ହିସାର ପୌରପାଳିକାରେ ତୃତୀୟ ଲିଙ୍ଗୀ ଶାବ୍‌ନା ନେହେରୁ ଜଣେ କାଉନ୍‌ସିଲର୍ ଭାବେ ନିର୍ବାଚିତ ହୋଇ ତାଙ୍କର କାର୍ଯ୍ୟକଳାପ ଦ୍ୱାରା ବେଶ୍ ଲୋକପ୍ରିୟ ହୋଇପାରିଥିଲେ । ପରେ ସାଂସଦ ପଦବୀ ପାଇଁ ଲଢି ସେ ଯଦିଓ ହାରି ଯାଇଥିଲେ, କିନ୍ତୁ ସେହି ସମୟରେ ତାଙ୍କର ଏକ ବିଶିଷ୍ଟ ସଂଳାପ ଏବେବି ଜନମାନସରେ ଜୀବନ୍ତ ରହିଛି – ରାଜନୀତିରେ ପ୍ରଜନେନ୍ଦ୍ରିୟ ନୁହେଁ, ମସ୍ତିଷ୍କ ଆବଶ୍ୟକ ।

ଗତ ଦଶନ୍ଧିରେ ଦେଶର ବିଭିନ୍ନ ରାଜ୍ୟରେ ଯେଉଁ ସ୍ୱଳ୍ପସଂଖ୍ୟକ ମିଶ୍ରଲିଙ୍ଗୀମାନେ ରାଜନୀତି କ୍ଷେତ୍ରକୁ ଆସିଛନ୍ତି, ସେମାନେ ନିଜ ଗୋଷ୍ଠୀଙ୍କର ଉନ୍ନତି ପାଇଁ ତ ମିଶ୍ଚୟ କାମ କରିଛନ୍ତି, ସେମାନେ ସର୍ବସାଧାରଣ ସମସ୍ୟା, ଯଥା ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ, ଶାସନରେ ବିଶୃଙ୍ଖଳା ଇତ୍ୟାଦି ବିରୁଦ୍ଧରେ ଦୃଢ ସ୍ୱର ମଧ୍ୟ ଉତ୍ତୋଳନ କରିଛନ୍ତି । ଯେହେତୁ ପାରମ୍ପରିକ ଅର୍ଥରେ ସେମାନଙ୍କର ପରିବାର ନାହିଁ ଏବଂ ଏକ ସମତା-ଭିତ୍ତିକ, ସଂଘବଦ୍ଧ ଅଥଚ ସୁଶୃଙ୍ଖଳ ଜୀବନଶୈଳୀରେ ଅଭ୍ୟସ୍ତ ଏବଂ ଯେହେତୁ ସେମାନେ ନିଜେ ସମାଜର ଏକ ଅବହେଳିତ ଏବଂ ଉପେକ୍ଷିତ ଲିଙ୍ଗୀୟ ସଂଖ୍ୟାଲଘୁ ବର୍ଗର ପୁଞ୍ଜୀଭୂତ ଅନୁଭୂତି ନେଇ ରାଜନୀତିରେ ପ୍ରବେଶ କରିଛନ୍ତି, ତେଣୁ ସେମାନେ ବ୍ୟକ୍ତିସ୍ୱାର୍ଥ ପରିବର୍ତ୍ତେ ସମୂହ ସ୍ୱାର୍ଥ ଏବଂ ଭ୍ରଷ୍ଟଚାର ପରିବର୍ତ୍ତେ ନିର୍ମଳ ଶାସନ ପ୍ରତି ସ୍ୱତପ୍ରବୃତ୍ତ ଭାବେ ଆକୃଷ୍ଟ ହୋଇ ନିଜର ଭୂମିକା ପାଳନ କରିଛନ୍ତି । ସୁତରାଂ ମନେହୁଏ, ଯଦି ସେମାନେ ବେଶୀ ସଂଖ୍ୟାରେ ରାଜନୀତି, ପ୍ରଶାସନ ଓ ସମାଜସେବା ଭିତରେ ପ୍ରବେଶ କରନ୍ତି, ତେବେ ଦେଶର ବିପଥଗାମୀ ଶାସନବ୍ୟବସ୍ଥା କିଛି ପରିମାଣରେ ସୁଧୁରିପାରେ

**ତୃତୀୟ ଲିଙ୍ଗୀଙ୍କ କ୍ରମବର୍ଦ୍ଧିଷ୍ଣୁ ଦୃଶ୍ୟମାନତା**
ଖୁଶ୍‌ବନ୍ତ ସିଂହଙ୍କ ଉପନ୍ୟାସ 'ଦିଲ୍ଲୀ'ରେ ଅନ୍ୟତମ ମୁଖ୍ୟ ଚରିତ୍ର 'ଭାଗମତୀ' ଗୋଟିଏ ମିଶ୍ର ଲିଙ୍ଗୀ, ଯେ କି ଗଣିକା ବୃତ୍ତି କରୁଥିଲା ଏବଂ ରାଜଧାନୀର କୂଟନୀତିଜ୍ଞ ମହଲରେ ତା'ର ବେଶ୍ ଚାହିଦା ଥିଲା । ମିଶ୍ରଲିଙ୍ଗୀଙ୍କ ଉପରେ ଆମ ଦେଶରେ ବିଭିନ୍ନ ଭାଷାରେ ବହୁ ଚଳଚ୍ଚିତ୍ର ନିର୍ମିତ ହୋଇଛି, କିନ୍ତୁ ୧୯୭୪ରେ ଏକ ନୂଆ କଥା ଦେଖିବାକୁ ମିଳିଲା । ହିନ୍ଦୀ ଚଳଚ୍ଚିତ୍ର 'କୁଆଁରା ବାପ'ରେ ପ୍ରକୃତ ମିଶ୍ରଲିଙ୍ଗୀମାନେ ଏକ ନାଚଗୀତ ଦୃଶ୍ୟରେ ଭାଗନେଇଥିଲେ । ୧୯୭୭ରେ ମୁକ୍ତିଲାଭ କରିଥିବା 'ଅମର ଆକବର ଆଣ୍ଟୋନୀ'ରେ ସେମାନେ ମଧ୍ୟ ଭାଗ ନେଇଛନ୍ତି । ସେମାନଙ୍କୁ ସହାନୁଭୂତିପୂର୍ଣ୍ଣ ଦୃଷ୍ଟିରୁ ପ୍ରଥମେ ମଣି ରତ୍ନମ୍‌ଙ୍କ 'ବମ୍ବେ' (୧୯୯୫) ଚଳଚ୍ଚିତ୍ରରେ ଚିତ୍ରଣ କରାଯାଇଛି । ୧୯୯୭ରେ ମୁକ୍ତିଲାଭ କରିଥିବା ତଥା ପୂଜା ଭଟ୍ଟଙ୍କ ପ୍ରଯୋଜିତ, ନିର୍ଦ୍ଦେଶିତ ତଥା ଅଭିନୀତ 'ତମନ୍ନା'ର ଲିପିକାର ଏବଂ ସହ-ପ୍ରଯୋଜକ ଥିଲେ ମହେଶ ଭଟ୍ଟ ଏବଂ ଏଥିରେ ମୁଖ୍ୟ ଭୂମିକାରେ ଥିବା ମିଶ୍ରଲିଙ୍ଗୀର ଅଭିନୟ କରିଥିଲେ ପରେଶ୍ ରାଓଲ୍ । ୨୦୦୫ରେ ବିଧବା ମାନଙ୍କ ଉପରେ ରଚିତ ଦୀପା ମେହେଟାଙ୍କ 'ୱାଟର୍' ଚଳଚ୍ଚିତ୍ରରେ ମଧ୍ୟ ଆମେ ମିଶ୍ରଲିଙ୍ଗୀମାନଙ୍କୁ ଦେଖିବାକୁ ପାଉ । ୨୦୦୫ରେ ଶବ୍‌ନମ୍ ମାଉସୀଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରକାଶ ପାଏ ଏବଂ ଯୋଗେଶ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ଛବିରେ ଆଶୁତୋଷ ରାଣା ଶବ୍‌ନମ୍‌ର ଭୂମିକା ପାଳନ କରିଛନ୍ତି । ଅନୀଲ କାପୁରଙ୍କ 'ନାୟକ' ଚଳଚ୍ଚିତ୍ରରେ ଜନି ଲିଭର୍, ଯେ କି ମୁଖ୍ୟ ନାୟକଙ୍କ ସହଯୋଗୀର ଭୂମିକା ନିର୍ବାହ କରିଛନ୍ତି, ସେ ହିଞ୍ଜଡା ମାନଙ୍କୁ ହିଞ୍ଜଡା ବୋଲି ଡାକିବାରୁ ସେମାନଙ୍କ ଠାରୁ ମାଡ ଖାଇବାର ଦୃଶ୍ୟ ଅଭିନୀତ ହୋଇଛି ।

ଏହା ଉଲ୍ଲେଖନୀୟ ଯେ, ଭାରତରେ ନାରୀ-ନାରୀ ପ୍ରେମ-ସଂପର୍କ ଉପରେ ଆଧାରିତ ପ୍ରଥମ ଚଳଚ୍ଚିତ୍ର ଦୀପା ମେହେଟାଙ୍କ ନିର୍ଦ୍ଦେଶିତ 'ଫାୟାର୍' ନଭେମ୍ବର ୧୯୯୮ରେ ମୁକ୍ତଲାଭ କରିଥିଲା । ଏଥିରେ ଶାବ୍‌ନା ଆଜ୍‌ମୀ ଓ ନନ୍ଦିତା ଦାସ ଦୁଇ ମୁଖ୍ୟ ନାରୀଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । କିନ୍ତୁ ଏହାର ବିଷୟବସ୍ତୁ ଭାରତୀୟ ସଂସ୍କୃତିର ବିରୋଧୀ ବୋଲି କହି ହିନ୍ଦୁତ୍ୱବାଦୀମାନେ ପ୍ରେକ୍ଷାଳୟଗୁଡିକ ଉପରେ ଚଢାଉ କରିବାରୁ ଏହା ବିବାଦ ଘେରକୁ ଆସିଥିଲା ଏବଂ ସାମୟିକ ଭାବେ ଏହାର ପ୍ରଦର୍ଶନକୁ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ବିଭିନ୍ନ ସିଭିଲ ସୋସାଇଟି ସଂଗଠନଙ୍କ ଦାବୀ ଫଳରେ ପୁଣି ଫେବୃଆରୀ ୧୯୯୯ରେ ଏହାର ପୁନଃ-ପ୍ରଦର୍ଶନ ଆରମ୍ଭ ହେଲା । ଭାରତର ଦୁଇ ପ୍ରସିଦ୍ଧ ହିନ୍ଦୁ ଦେବସ୍ଥଳ ଖଜୁରାହ ଓ କୋଣାର୍କରେ ନାରୀ ସହିତ ନାରୀର ତଥା ପୁରୁଷ ସହିତ ପୁରୁଷର ଶୃଙ୍ଗାର ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଏହା ବିସ୍ମୟକର ଯେ, ହିନ୍ଦୁତ୍ୱବାଦୀ ମାନେ ଭାରତରେ ସମଲିଙ୍ଗୀ ସଂପର୍କ ନଥିଲା ବୋଲି ଦାବୀ କରିପାରିଲେ ।

ବର୍ତ୍ତମାନ ତାମିଲନାଡୁର ଷ୍ଟାର୍ ବିଜୟ ଟେଲିଭିଜନ୍ ନାମକ ଏକ ଟି.ଭି. ଚାନେଲ୍ ଆମେରିକାର ଲୁଇସିଆନା ବୈଷୟିକ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା-ପ୍ରାପ୍ତ 'ରୋଜ୍' (ପୂର୍ବ ନାମ ରମେଶ ଭେଙ୍କଟେସନ୍) ନାମକ ୨୮ବର୍ଷୀୟ ଲିଙ୍ଗାନ୍ତରିତଙ୍କୁ ପ୍ରମୁଖ ଭୂମିକାରେ ରଖି ମିଶ୍ରଲିଙ୍ଗୀ ସଂପର୍କୀତ ପ୍ରସଙ୍ଗସମୂହ ଉପରେ ଧାରାବାହିକ ଚର୍ଚ୍ଚାର ଏକ ଶିକ୍ଷଣ-ମିଶ୍ରିତ ମନୋରଞ୍ଜନ କାର୍ଯ୍ୟକ୍ରମ ଚଳାଇ ରଖିଛନ୍ତି । ତାମିଲନାଡୁର ଇରୋଡ୍‌ରେ ଜନ୍ମ ଗ୍ରହଣ କରିଥିବା କର୍ପାଗା ନାମକ ଜଣେ ମିଶ୍ରଲିଙ୍ଗୀ ତାମିଲ୍ ଚଳଚ୍ଚିତ୍ର 'ପାଲ୍'ରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ଏବଂ ଏହା ଭାରତର ପ୍ରଥମ ଦୃଷ୍ଟାନ୍ତ । ବାଙ୍ଗାଲୋରର ଜଣେ ତୃତୀୟ ଲିଙ୍ଗୀ ଶ୍ରୀଦେବୀ ମଡେଲିଂ ଜଗତରେ ଏକ ସ୍ୱନାମଧନ୍ୟ ନାମ । ପଦ୍ମିନୀ ନାମକ ୨୭ ବର୍ଷ ବୟସ୍କ ଜଣେ ଲିଙ୍ଗାନ୍ତରିତ ବ୍ୟକ୍ତି ଭାରତନାଟ୍ୟମ୍ ନୃତ୍ୟରେ ପାରଦର୍ଶୀତା ପାଇଁ ମୁମ୍ବାଇ ଓ ଚେନ୍ନାଇରେ ପ୍ରସିଦ୍ଧି ଲାଭ କରିଛନ୍ତି ଏବଂ ସେ ନିକଟରେ ବିଶିଷ୍ଟ ତାମିଲ୍ ନାୟକ ଖୁଶ୍‌ବୁଙ୍କ ମୁଖ୍ୟ ଯୋଡି ଭାବେ ଏକ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି । ମହାରାଷ୍ଟ୍ରର ଜଣେ ତୃତୀୟ ଲିଙ୍ଗୀ ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଯେ କି ବର୍ତ୍ତମାନ ଲକ୍ଷ୍ମୀ ନାମରେ ପରିଚିତ, ସେ ମୁମ୍ବାଇରେ ଡାନ୍ସ ବାର୍‌ରେ କାମ କରିବା ପରେ ବର୍ତ୍ତମାନ ଏଡସ୍ ଉପରେ କାର୍ଯ୍ୟରତ ଏକ ସ୍ୱେଚ୍ଛାସେବୀ ସଂଗଠନର ଅଧ୍ୟକ୍ଷ ଅଛନ୍ତି, ଟି.ଭି. ଧାରାବାହିକ ଏବଂ ପ୍ରାମାଣିକ ଚଳଚ୍ଚିତ୍ରରେ କାମ କରୁଛନ୍ତି ଏବଂ ଅନ୍ୟମାନଙ୍କ ସହଯୋଗରେ କେତେକ ନୃତ୍ୟ ସ୍କୁଲ୍ ପରିଚାଳନା କରୁଛନ୍ତି । ତାଙ୍କ ବିଷୟରେ ସବୁଠାରୁ ବଡକଥା ହେଲା, ସେ ସମ୍ବିଧାନରେ ତୃତୀୟ ଲିଙ୍ଗୀଙ୍କୁ ସ୍ଥାନ ଦେବା ପାଇଁ ଅଭିଯାନ ଜାରି ରଖିଛନ୍ତି । ଲକ୍ଷ୍ୟ କରାଯାଉଛି, ଯେଉଁ ମିଶ୍ରଲିଙ୍ଗୀମାନେ ନିଜର ଶିକ୍ଷା, ଯୋଗ୍ୟତା ବା ରୋଜଗାର ବଳରେ ସୁନାମ ହାସଲ କରୁଛନ୍ତି, ସେମାନଙ୍କୁ କେବଳ ଯେ ବୃହତ୍ତର ଜନସମାଜ ସମ୍ମାନ କରୁଛି, ତାହା ନୁହେଁ, ପୂର୍ବେ ସେମାନଙ୍କୁ ଘରୁ ତଡି ଦେଇଥିବା ପିତାମାତା ଓ ଆତ୍ମୀୟସ୍ୱଜନ ପୁଣି ସେମାନଙ୍କୁ ଗ୍ରହଣ କରିନେଉଛନ୍ତି ।

### ଅଗ୍ରଗଣ୍ୟ ତାମିଲନାଡୁ

ଅନ୍ୟସବୁ ଦେଶରେ ତୃତୀୟ ଲିଙ୍ଗୀଙ୍କୁ ସ୍ୱୀକୃତି ମିଳିବା ସହିତ ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ ଦିଗରେ ବେଶ୍ ଦୃଷ୍ଟି ଦିଆଗଲାଣି । କିନ୍ତୁ ଭାରତରେ କେବଳ ତାମିଲ୍‌ନାଡୁକୁ ଛାଡିଦେଲେ ଅନ୍ୟ କେଉଁଠି ସେମାନଙ୍କ ସ୍ୱାର୍ଥରେ କିଛି ଆଖିଦୃଶିଆ କାମ ହୋଇନି, ବରଂ ସେମାନେ ପୂର୍ବଭଳି ପୋଲିସ୍ ନିର୍ଯ୍ୟାତନା ଏବଂ ଜନବିଦ୍ରୁପର ସମ୍ମୁଖୀନ ହୋଇଚାଲିଛନ୍ତି । ଭାରତରେ କେବଳ ତାମିଲ୍‌ନାଡୁ ସରକାର ମିଶ୍ରଲିଙ୍ଗୀ ବା ତୃତୀୟ ଲିଙ୍ଗୀଙ୍କ ମାନବାଧିକାର ସ୍ୱାର୍ଥରେ କେତେକ ଆଖିଦୃଶିଆ ପଦକ୍ଷେପ ନେଇଛନ୍ତି । ଏପ୍ରିଲ୍ ୨୦୦୮ରେ ତାମିଲନାଡୁ ରାଜ୍ୟ ସରକାର 'ଲିଙ୍ଗାନ୍ତରିତ କଲ୍ୟାଣ ପରିଷଦ' ନାମକ ଏକ ସଂସ୍ଥା ଗଠନ କରିଛନ୍ତି, ଯାହାର ଅଧ୍ୟକ୍ଷ ରହିବେ ରାଜ୍ୟର ସମାଜ କଲ୍ୟାଣ ମନ୍ତ୍ରୀ । ସେଠିକାର ରାଜ୍ୟ ସରକାର ଲିଙ୍ଗାନ୍ତରିତ ମାନଙ୍କ ପାଇଁ ସ୍ୱତନ୍ତ୍ର ରେସନ୍ କାର୍ଡ ବ୍ୟବସ୍ଥା ପ୍ରଚଳନ କରିଛନ୍ତି ଏବଂ ମେ ୨୦୦୮ରେ ଏକ ପରିପତ୍ର ଜାରି କରି ଲିଙ୍ଗାନ୍ତରିତ ମାନେ 'ତୃତୀୟ ଲିଙ୍ଗ' ନାଁରେ କଲେଜରେ ନାମ ଲେଖାଇ ପାରିବାର ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏହାଛଡା ରାଜ୍ୟରେ ମିଶ୍ରଲିଙ୍ଗୀ ଗୋଷ୍ଠୀର ସମୁଦାୟ ଜନସଂଖ୍ୟା ଆକଳନ ପାଇଁ ତାମିଲନାଡୁ ରାଜ୍ୟ ସରକାର ସ୍ଥିର କରିଛନ୍ତି, ଯାହା କି ସଂପାଦିତ ହେବା ପରେ ପ୍ରତି ମିଶ୍ରଲିଙ୍ଗୀ ବା ଲିଙ୍ଗାନ୍ତରିତଙ୍କ ପାଇଁ ପରିଚୟ ପତ୍ର ପ୍ରଦାନ କରାଯାଇ ପାରିବ ।

### ଓଡିଶା ଆଗରେ ଆହ୍ୱାନ୍

ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ନିକଟ ଅତୀତରେ ଓଡିଶାରେ ମିଶ୍ରିଲିଙ୍ଗୀମାନଙ୍କର କେବଳ ନିଜସ୍ୱ ସାଂଗଠନିକ କାର୍ଯ୍ୟକଳାପ ବୃଦ୍ଧି ହେବା ବ୍ୟତୀତ ରାଜ୍ୟ ସରକାରଙ୍କ ତରଫରୁ ସେମାନଙ୍କୁ ସ୍ୱୀକୃତି ବା ସହାୟତା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ । ଲିଙ୍ଗ ନ୍ୟାୟ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମଧ୍ୟରୁ ନଗଣ୍ୟ ସଂଖ୍ୟକ ପ୍ରୋତ୍ସାହିତ କର୍ମୀଙ୍କୁ ବାଦ ଦେଲେ ତୃତୀୟ ଲିଙ୍ଗୀଙ୍କ ମାନବାଧିକାର ପାଇଁ ଲଗାତାର କାମ କରିବା ବ୍ୟକ୍ତିଙ୍କୁ ଦେଖିବା ବିରଳ । ତୃତୀୟ ଲିଙ୍ଗୀମାନେ ଯେତେବେଳେ ବୃହତ୍ତର ସମାଜ ଆଗରେ ନିଜର ମାନବାଧିକାର ଘୋଷଣା ପାଇଁ କୌଣସି ସଭା-ଶୋଭାଯାତ୍ରା କରିଥାନ୍ତି, ସେତେବେଳେ ଗଣମାଧ୍ୟମ ଗୁଡିକ କେବଳ ସେମାନଙ୍କର ଗୀତ-ନାଚକୁ ପ୍ରାଧାନ୍ୟ ଦେଇ କଉତିକିଆ ସମ୍ବାଦ ପରିବେଷଣ କରିଥାନ୍ତି କିନ୍ତୁ ସେମାନଙ୍କର ମାନବାଧିକାର ଉପରେ ଚର୍ଚ୍ଚା କି ବିତର୍କ କରିନଥାନ୍ତି । ସୁତରାଂ ମଣିଷର ଲିଙ୍ଗ ଯାହା ହେଉନା କାହିଁକି, ସେ ରାଷ୍ଟ୍ର ଓ ସମାଜ ଠାରୁ ସମତା-ପୂର୍ଣ୍ଣ ଆଚରଣ ପାଇଁ ହକ୍‌ଦାର- ଏହି ମୌଳିକ ଗଣତାନ୍ତ୍ରିକ ସିଦ୍ଧାନ୍ତରେ ଯେଉଁ ଓଡିଶାବାସୀ ବିଶ୍ୱାସ କରନ୍ତି, ସେମାନଙ୍କୁ ଆଜି ଆଗେଇ ଆସିବାକୁ ପଡିବ ଅଦ୍ୟାବଧି ଅସ୍ୱୀକୃତ ଏବଂ ଉପେକ୍ଷିତ ଏବଂ ଅବମାନିତ ରହି ଆସିଥିବା ତୃତୀୟ ଲିଙ୍ଗୀ ବା ମିଶ୍ରଲିଙ୍ଗୀ ମାନଙ୍କର ମାନବାଧିକାରକୁ ସାବ୍ୟସ୍ତ କରିବା ପାଇଁ । ସୁତରାଂ ଓଡିଶାରେ ତୃତୀୟ ଲିଙ୍ଗୀଙ୍କ ମାନବାଧିକାର ପାଇଁ ଏକ ଯୋଜନାବଦ୍ଧ ଏବଂ ସମ୍ମିଳିତ ଅଭିଯାନର ଶୁଭାରମ୍ଭ କରିବା ତୃତୀୟ ଲିଙ୍ଗୀଙ୍କର ଗରଜ ନୁହେଁ, ବରଂ ଆଇନ୍ ଚକ୍ଷୁରେ ସ୍ୱୀକୃତି ପ୍ରାପ୍ତ ଦୁଇ ପ୍ରମୁଖ ଲିଙ୍ଗର ବ୍ୟକ୍ତିସମୂହ - ପୁରୁଷ ଓ ମହିଳା- ସମସ୍ତଙ୍କର ।

**Compiled in public interest by Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in, Mobile- 9437577546, dt 9th Nov. 2008**